# NATIONAL NEWS BULLETIN (ODIA)

## 14 June 2026

## Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ଫ୍ରାନ୍ସ ଓ ସ୍ଲୋଭାକିଆ ଦ୍ୱିରାଷ୍ଟ୍ରୀୟ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଫ୍ରାନ୍ସର ନିସ୍ ଠାରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।

– ଆଜି ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ ଭାରତ ଇନୋଭେଟ୍ସ କାର୍ଯ୍ୟକ୍ରମର କରିବେ ଶୁଭାରମ୍ଭ ।

- ଆନ୍ତର୍ଜାତିକ ଯୋଗଦିବସ ପାଳନର ଅବ୍ୟବହିତ ପୂର୍ବରୁ ଏବେ ଜାରି ରହିଛି ବିଶ୍ୱସ୍ତରୀୟ ଅନ୍‌ଲାଇନ୍ ଯୋଗ କାର୍ଯ୍ୟକ୍ରମ ।
- ହିମାଚଳ ପ୍ରଦେଶ ଡାକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହୋଇଛି ଡ୍ରୋନ୍ ଆଧାରିତ ଡାକ ସାମଗ୍ରୀ ଯୋଗାଣ ବ୍ୟବସ୍ଥା
- ଯୁଦ୍ଧ ସମାପ୍ତି ନେଇ ଇରାନ୍ ସହ ଆଜି ଏକ ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି ବୋଲି ସୂଚନା ଦେଲେ ଆମେରିକା ରାଷ୍ଟ୍ରପତି ।

ଏବଂ

- ଧର୍ମଶାଳା ପୁରୁଷ ବର୍ଗ ଦିନିକିଆ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍‌ରେ ଆଫ୍‌ଗାନିସ୍ତାନକୁ ୭ ଓ୍ୱିକେଟ୍ ପରାସ୍ତ କଲା ଭାରତ ।

# ପିଏମ୍-ନିସ୍

ଫ୍ରାନ୍ସ ଓ ସ୍ଲୋଭାକିଆ ଦ୍ୱିରାଷ୍ଟ୍ରୀୟ ଗସ୍ତର ପ୍ରଥମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫ୍ରାନ୍ସର ନିସ୍‌ଠାରେ ପହଞ୍ଚିଛନ୍ତି । ଗସ୍ତ ଅବସରରେ ଶ୍ରୀ ମୋଦୀ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କ ସହ ଦ୍ୱିପାକ୍ଷିକ ସାକ୍ଷାତ ଆଲୋଚନା କରିବେ । ନିସ୍ ଠାରେ ଆଜି ଉଭୟ ନେତା ମିଳିତ ଭାବେ ଭାରତ ଇନୋଭେଟ୍ସ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ଭାରତର ନବସୃଜନ ଏବଂ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍‌କୁ ପ୍ରଦର୍ଶନ କରୁଥିବା ଏହି କାର୍ଯ୍ୟକ୍ରମ ଏକ ପ୍ରମୁଖ ପ୍ଲାଟ୍‌ଫର୍ମ ଭାବେ ପରିଗଣିତ ହେଉଛି । ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା, ନବସୃଜନ, ରଣନୈତିକ ବ୍ୟାପାର ଆଦି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନେଇ ଉଭୟ ନେତାଙ୍କ ମଧ୍ୟରେ ମତବିନିମୟ ହେବାର ଆଶା କରାଯାଉଛି । ନିସ୍ ଠାରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ହୋଟେଲ୍ ନେଗ୍ରେସ୍କୋଠାରେ ପ୍ରବାସୀ ଭାରତୀୟ ଭବ୍ୟ ସ୍ୱାଗତ କରିଥିଲେ ।

ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ଶ୍ରୀ ମୋଦୀ ପ୍ରବାସୀ ଭାରତୀୟଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଏହାକୁ ଏକ ସ୍ମରଣୀୟ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି । ସ୍ୱାଗତ ଅବସରରେ ଫ୍ରାନ୍ସ ଏବଂ ଇଟାଲୀୟ କଳାକାରଙ୍କ ଦ୍ୱାରା କଥକ, ଓଡ଼ିଶୀ ଏବଂ ଭାରତନାଟ୍ୟମ ଭଳି ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

ଫ୍ରାନ୍ସରୁ ପ୍ରଧାନମନ୍ତ୍ରୀ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ସ୍ଲୋଭାକିଆକୁ ଯାତ୍ରା କରିବେ । ସ୍ଲୋଭାକିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଅପୂର୍ବ ଶ୍ରୀବାସ୍ତବ କହିଛନ୍ତି, ଶ୍ରୀ ମୋଦୀଙ୍କ ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କ ନୂତନ ମାର୍ଗ ଉନ୍ମୁକ୍ତ କରିବା ସହ ଆର୍ଥିକ କ୍ଷେତ୍ରକୁ ଅଧିକ ଦୃଢ଼ କରିବ । ସ୍ଲୋଭାକିଆ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ଫ୍ରାନ୍ସର ଏଭିଏନ୍‌କୁ ଯାତ୍ରା କରିବେ । ସେଠାରେ ଆସନ୍ତା ୧୬ ଓ ୧୭ ତାରିଖରେ ଜି-୭ ଶିଖର ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଜି-୭ ସମ୍ମିଳନୀରେ ଭାରତର ଉପସ୍ଥିତି ବୈଶ୍ୱିକ ସ୍ତରରେ ବର୍ଦ୍ଧିତ ଦକ୍ଷତାକୁ ପ୍ରତିପାଦନ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଏହା ପରେ ୧୮ ତାରିଖରେ ଶ୍ରୀ ମୋଦୀ ପ୍ୟାରିସ୍‌ଠାରେ ପହଞ୍ଚି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍‌ଙ୍କ ସହ ମିଳିତ ଭାବେ ଭିଭାଟେକ୍-୨୦୨୬ କାର୍ଯ୍ୟକ୍ରମରେ ଯୋଗଦେବେ ।

# ଅନ୍‌ଲାଇନ୍ ୟୁଗୋ ସେସନ୍

ଆନ୍ତର୍ଜାତିକ ଯୋଗଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆଜି ଏକ ବିଶ୍ୱସ୍ତରୀୟ ଅନ୍‌ଲାଇନ୍ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ସକାଳ ୬ଟା ୧୫ରୁ ଆରମ୍ଭ ହୋଇଥିବା ଏହି ଅଧିବେଶନ ୭ଟା ୩୫ ପର୍ଯ୍ୟନ୍ତ ଜାରି ରହିବ । ଆୟୁଷ ମନ୍ତ୍ରଣାଳୟ, ମୋରାଜି ଦେଶାଇ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଯୋଗ ଏବଂ ହାବିଲ୍ଡ଼ ସହଯୋଗରେ ଏହି ଯୋଗ ଅଧିବେଶନ ଆୟୋଜିତ ହୋଇଛି । ଏଥିରେ ପାଖାପାଖି ୧୩୦ଟି ଦେଶ ଅଂଶଗ୍ରହଣ କରୁଛନ୍ତି । ଆୟୁଷ ମନ୍ତ୍ରୀ ପ୍ରତାପରାଓ ଯାଦବ ମଧ୍ୟ ଏଥିରେ ଯୋଗଦେଇଛନ୍ତି । ଆୟୁଷ ମନ୍ତ୍ରଣାଳୟ କହିଛି, ୟୁଟ୍ୟୁବ୍ ଲାଇଭ୍ ଯୋଗ ଅଧିବେଶନ ପାଇଁ ସର୍ବାଧିକ ଅଂଶିଦାରଙ୍କ ସହ ଏକ ନୂତନ ବିଶ୍ୱରେକର୍ଡ଼ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ବୈଶ୍ୱିକ ସ୍ତରରେ ଯୋଗ ଅଭ୍ୟାସ ଏବଂ ସୁସ୍ଥତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଡିଜିଟାଲ୍ ପ୍ଲାଟ୍‌ଫର୍ମର ଉପଯୋଗ ମଧ୍ୟ କାର୍ଯ୍ୟକ୍ରମର ଅନ୍ୟତମ ଉଦ୍ଦେଶ୍ୟ ବୋଲି ମନ୍ତ୍ରଣାଳୟ କହିଛି । ବିଭିନ୍ନ ଦେଶର ନାଗରିକ, ଯୋଗ ଅଭ୍ୟାସକାରୀ, ଶିକ୍ଷାନୁଷ୍ଠାନ, ଗୋଷ୍ଠୀ ଭିତ୍ତିକ ଏବଂ ପ୍ରବାସୀ ଭାରତୀୟ ଏହି କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି ।

# କମ୍ୟୁନିକେସନ୍-ଡ୍ରୋନ୍ ସର୍ଭିସ୍

ହିମାଚଳ ପ୍ରଦେଶ ଡାକ ବିଭାଗ ଦ୍ୱାରା ଡ୍ରୋନ୍ ଆଧାରିତ ଡାକ ସାମଗ୍ରୀ ଯୋଗାଣ ସେବା ଆରମ୍ଭ ହୋଇଛି । ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ରାଜ୍ୟର ମଣ୍ଡି ମୁଖ୍ୟ ଡାକ ଘର ଏବଂ ରେହରଧର୍ ଶାଖା ଡାକଘର ମଧ୍ୟରେ ଏହି ସେବା ଆରମ୍ଭ ହୋଇଛି । ଗ୍ରାମୀଣ ଡାକ ସେବକ ଏବଂ ଡାକ ସହାୟକଙ୍କ ସହିତ ଶ୍ରୀ ସିନ୍ଧିଆଙ୍କର ହୋଇଥିବା ଆଲୋଚନା ପରିପ୍ରେକ୍ଷୀରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସେ ସୂଚନା ଦେଇଛନ୍ତି । ଦୁର୍ଗମ ଅଞ୍ଚଳଗୁଡ଼ିକରେ ଦ୍ରୁତ ଏବଂ ଅଧିକ ଦକ୍ଷ ସଂଯୋଗୀକରଣକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଯୋଗାଯୋଗ ମନ୍ତ୍ରଣାଳୟ କହିଛି ।  ଏଭଳି ବ୍ୟବସ୍ଥାକୁ ଦେଶର ଅନ୍ୟ ପ୍ରାନ୍ତରେ ଆଗାମୀ ୨ରୁ ୩ ମାସ ମଧ୍ୟରେ କାର୍ଯ୍ୟକାରୀ କରିବା ନେଇ ପଦକ୍ଷେପ ଗ୍ରହଣ କରାଯାଉଛି । ହିମାଚଳ ପ୍ରଦେଶ ଓ ଆଶାମରେ ଏଥିପାଇଁ ୧୫୦ଟି ଅଞ୍ଚଳକୁ ଚିହ୍ନଟ କରାଯାଇଛି ।

ମନ୍ତ୍ରଣାଳୟ କହିଛି, ଡ୍ରୋନ୍ ଆଧାରିତ ଏହି ଡାକ ପରିବହନ ବ୍ୟବସ୍ଥା ଦ୍ୱାରା ଡାକ ସାମଗ୍ରୀ ହସ୍ତାନ୍ତର ସମୟ ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି । ମଣ୍ଡି ମୁଖ୍ୟ ଡାକଘରଠାରୁ ରେହରଧର ଶାଖା ଡାକଘରକୁ ପାରମ୍ପରିକ ବ୍ୟବସ୍ଥା ମାଧ୍ୟମରେ ସଂଯୋଗ ୨ ଘଣ୍ଟାରୁ ଅଧିକ ସମୟ

ଲାଗୁଥିବା ବେଳେ ଏବେ ଏହା ମାତ୍ର ୭ମିନିଟ୍‌କୁ ହ୍ରାସ ପାଇଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ୟୁଏସ୍-ଇରାନ୍

ଇରାନ୍ ସହିତ ଯୁଦ୍ଧ ସମାପ୍ତି ନେଇ ଆଜି ଏକ ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୂଚନା ଦେଇଛନ୍ତି । ଏହାପରେ ହର୍ମୁଜ୍ ପ୍ରଣାଳୀ ସାର୍ବଜନୀନ କ୍ଷେତ୍ର ପାଇଁ ଉନ୍ମୁକ୍ତ ହେବ । ଟ୍ରୁଥ୍ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଟ୍ରମ୍ପ୍ ଏହି ସୂଚନା ଦେଇ କହିଛନ୍ତି, ସ୍ୱାକ୍ଷରିତ ହେବାକୁ ଥିବା ଚୁକ୍ତି ଯଦି ଆଶା ଅନୁରୂପ କାର୍ଯ୍ୟକାରୀ ନ ହୁଏ ତେବେ ଇରାନ୍ ବିପକ୍ଷରେ ବିକଳ୍ପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଇରାନ୍‌ର ପରମାଣୁ କାର୍ଯ୍ୟକ୍ରମକୁ ପ୍ରଭାବଶାଳୀ ଢଙ୍ଗରେ ନିରପେକ୍ଷ କରାଯାଇଛି ଏବଂ ଏ କ୍ଷେତ୍ର ପାଇଁ ଉପଯୋଗୀ ସାମଗ୍ରୀକୁ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତ୍ୟାହାର କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଟ୍ରମ୍ପ୍ କହିଛନ୍ତି । ଅନ୍ୟ ପକ୍ଷରେ ଇରାନ୍‌ର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସ୍‌ମାଇଲ୍ ବାଘାଇ ଚୁକ୍ତିନାମା ଆଜି ସ୍ୱାକ୍ଷରିତ ହେବାର ସମ୍ଭାବନା ନାହିଁ ବୋଲି କହିଛନ୍ତି । ତେବେ ଭବିଷ୍ୟତରେ ଏହି ଚୁକ୍ତିନାମା ହୋଇପାରେ ବୋଲି ସେ ସୂଚନା ଦେଇଛନ୍ତି । ଇରାନ୍‌ର ସରକାରୀ ଗଣମାଧ୍ୟମ ଇସଲାମିକ୍ ରିପବ୍ଲିକ୍ ଅଫ୍

ଇରାନ୍ ବ୍ରଡ୍‌କାଷ୍ଟିଂକୁ ସାକ୍ଷାତକାରରେ ଶ୍ରୀ ବାଘାଇ ଏହି ସୂଚନା ଦେଇଛନ୍ତି ।

## ଗଭ୍ ୧୨ ଇୟର୍ସ୍ ଫରେନ୍ ପଲିସି

ଗତ ୧୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ' ମନ୍ତ୍ରକୁ ଆଧାର କରି ଭାରତରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଗରିବ, କୃଷକ, ମହିଳା ଓ ଯୁବବର୍ଗଙ୍କ କଲ୍ୟାଣ ଏବଂ ସଶକ୍ତୀକରଣ ପାଇଁ ସରକାର ଅନେକ ଜନକଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଶ୍ୱାସ, ବିକାଶ ଏବଂ ଜନକଲ୍ୟାଣର ୧୨ ବର୍ଷ ଶୀର୍ଷକ ଏହି ଧାରାବାହିକରେ ଆଜି ଆସନ୍ତୁ ଜାଣିବା – ଦେଶବାସୀଙ୍କ ଜୀବନଧାରଣମାନରେ ଉନ୍ନତି ଆଣିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ।

୧୨ ବର୍ଷର ସଂସ୍କାର, ୧୨ ବର୍ଷର ବିଶ୍ୱାସ ପାଲଟିଛି । ଜି.ଏସ୍.ଟି. ସମେତ ବିଭିନ୍ନ କ୍ଷେତ୍ରରେ ସଂସ୍କାର ଦେଶବାସୀଙ୍କ ଜୀବନଧାରଣମାନରେ ଉନ୍ନତି ଆଣିଛି । ବଜେଟ୍‌ରେ ଆୟ ବୃଦ୍ଧି ସହ ଟିକସ ସଂସ୍କାର ମାଧ୍ୟମରେ କରଦାତାଙ୍କୁ ସୁଫଳ ପ୍ରଦାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ନୂତନ ଟିକସ ବ୍ୟବସ୍ଥା ଅନୁଯାୟୀ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ

ବାର୍ଷିକ ଆୟ ଉପରେ ଆୟକର ଦେବାକୁ ପଡୁ ନାହିଁ । ଦେଶର ୮୮ ପ୍ରତିଶତ କରଦାତା ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତି ଏବଂ ଏହି ପଦକ୍ଷେପର ସୁଫଳ ସିଧାସଳଖ ତାଙ୍କ ପାଖରେ ପହଞ୍ଚି ପାରୁଛି । ଆୟକର ଦାଖଲକାରୀଙ୍କ ସଂଖ୍ୟା ଗତ ଆର୍ଥିକ ବର୍ଷରେ ୯ କୋଟି ୨୦ ଲକ୍ଷରେ ପହଞ୍ଚିଛି । ଜି.ଏସ୍.ଟି. ସଂସ୍କାର ଦ୍ୱାରା ଅନୁପାଳନ ଅଧିକ ସରଳ ହେବା ସହ ଏହି କ୍ଷେତ୍ର ଅଧିକ ବ୍ୟାପକ ହୋଇପାରିଛି । ଗତ ଏପ୍ରିଲ୍‌ରେ ଜି.ଏସ୍.ଟି. ସଂଗ୍ରହ ରେକର୍ଡ଼ ପରିମାଣ ୨ ଲକ୍ଷ ୪୨ ହଜାର କୋଟି ଟଙ୍କା ହୋଇଥିଲା ।

## ଇଣ୍ଡିଆ-ଆଫ୍‌ଗାନିସ୍ତାନ କ୍ରିକେଟ୍

ଧର୍ମଶାଳାରେ ପୁରୁଷ ବର୍ଗ ଦିନିକିଆ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ୭ ୱିକେଟ୍‌ରେ ବିଜୟୀ ହୋଇଛି । ଆଫ୍‌ଗାନିସ୍ତାନ ବିପକ୍ଷରେ ଚାଲିଥିବା ତିନିଟିକିଆ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ଗତକାଲି ଧର୍ମଶାଳାଠାରେ ଖେଳାଯାଇଥିଲା । ବର୍ଷା ଯୋଗୁଁ ମ୍ୟାଚ୍‌କୁ ୨୫ଓଭରରେ ସୀମିତ ରଖାଯାଇଥିଲା । ଟସ୍ ଜିତି ଭାରତ’ ଆଫ୍‌ଗାନିସ୍ତାନକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ଆଫ୍‌ଗାନିସ୍ତାନ ୨୪ ଓଭର ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୯୪ରନ୍ ସଂଗ୍ରହ କରିଥିଲା । ବିଜୟ ଲକ୍ଷ୍ୟକୁ ଭାରତ ୨୨ ଓଭର ୫ଟି

ବଲ୍‌ରେ ହାସଲ କରିପାରିଥିଲା । ଦଳର ଅଧିନାୟକ ଶୁଭମନ ଗିଲ୍ ୬୬ ବଲ୍‌ରୁ ଅପରାଜିତ ୮୪ରନ୍ ସଂଗ୍ରହ କରିଥିଲେ । ତାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି । ଆସନ୍ତା ୧୭ ତାରିଖରେ ଲକ୍ଷ୍ନୌର ଏକନା କ୍ରିକେଟ୍ ପଡ଼ିଆଠାରେ ଦ୍ୱିତୀୟ ଦିନିକିଆ ଏକଦିବସୀୟ ଆନ୍ତର୍ଜାତିକ ମ୍ୟାଚ୍ ଖେଳାଯିବ ।

# ୱିମେନ୍ସ-ୱାର୍ଲ୍ଡକପ୍-କ୍ରିକେଟ୍

ଆଇସିସି ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ପ୍ରତିଯୋଗିତାର ଚଳିତ ଦଶମ ସଂସ୍କରଣରେ ଆଜି ଭାରତ ତାର ଅଭିଯାନ ଆରମ୍ଭ କରିବ । ବର୍ମିଂହାମ୍‌ର ଏଜ୍‌ବାଷ୍ଟନ୍ କ୍ରିକେଟ୍ ଗ୍ରାଉଣ୍ଡରେ ଭାରତ' ପାକିସ୍ତାନକୁ ଭେଟିବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଉଭୟ ଦଳ ପରସ୍ପରକୁ ୧୬ଥର ଭେଟିଥିବା ବେଳେ ଭାରତ ୧୩ଥର ବିଜୟ ହାସଲ କରିଛି ।

ଅନ୍ୟ ଏକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ପ୍ରଥମଥର ପାଇଁ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଥିବା ନେଦରଲ୍ୟାଣ୍ଡସ୍' ବାଂଲାଦେଶକୁ ଭେଟିବ । ଭାରତୀୟ ସମୟ ପୂର୍ବାହ୍ନ ସାଢ଼େ ୧୦ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।

ପୂର୍ବରୁ ଅନୁଷ୍ଠିତ ମ୍ୟାଚ୍‌ଗୁଡ଼ିକରେ ୱେଷ୍ଟଇଣ୍ଡିଜ୍’ ପୂର୍ବତନ ଚାମ୍ପିୟନ୍ ନ୍ୟୁଜିଲାଣ୍ଡକୁ ୭ୱିକେଟ୍‌ରେ ପରାସ୍ତ କରିଛି । ଗ୍ରୁପ୍-ବି ପର୍ଯ୍ୟାୟର ଅନ୍ୟ ଏକ ମ୍ୟାଚ୍‌ରେ ସ୍କଟ୍‌ଲାଣ୍ଡ’ ଆୟରଲାଣ୍ଡ ବିପକ୍ଷରେ ୪୦ରନ୍‌ରେ ବିଜୟୀ ହୋଇଛି ।

## ଫିଫା-ୱାର୍ଲ୍ଡକପ୍

୨୦୨୬ ଫିଫା ବିଶ୍ୱକପ୍ ଫୁଟବଲ୍ ପ୍ରତିଯୋଗିତାର ଆଜିର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ-ତୁର୍କୀ ଏବଂ ଜର୍ମାନୀ-କୁରାକାଓ ମଧ୍ୟରେ ମୁକାବିଲା ହେବ । ହାଇତି ଏବଂ ସ୍କଟ୍‌ଲାଣ୍ଡ ମଧ୍ୟରେ ଏବେ ମ୍ୟାଚ୍ ଜାରି ରହିଛି । ପୂର୍ବରୁ ବ୍ରାଜିଲ୍ ଏବଂ ମରକ୍କୋ ମଧ୍ୟରେ ମ୍ୟାଚ୍ ଅମିମାଂଶିତ ଭାବେ ଶେଷ ହୋଇଥିଲା । ଗ୍ରୁପ୍-ସି’ ପର୍ଯ୍ୟାୟର ଏହି ମ୍ୟାଚ୍‌ରେ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ । ସେହିଭଳି ଗ୍ରୁପ୍-ବି’ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ କାତାର ଓ ସ୍ୱିଜରଲାଣ୍ଡ ମଧ୍ୟରେ ଖେଳ ଅମିମାଂଶିତ ଭାବେ ଶେଷ ହୋଇଛି ।

# ଆଇଏମ୍‌ଡି-ଓ୍ୱେଦର୍‌

ଓଡ଼ିଶା ସମେତ ଦେଶର ଉତ୍ତର ପୂର୍ବାଞ୍ଚଳ, ଆଣ୍ଡାମାନ ଓ ନିକୋବର ଦ୍ୱିପୀପୁଞ୍ଜ, କେରଳମ୍, ମାହେ, ତାମିଲନାଡୁ, ପୁଡୁଚେରୀ ଏବଂ କରେଇକାଲ୍‌ର ବିଭିନ୍ନ ଅଞ୍ଚଳରେ ଆଜି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । କର୍ଣ୍ଣାଟକ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳ ଏବଂ ଛତିଶଗଡ଼ର ଦକ୍ଷିଣ ଅଞ୍ଚଳକୁ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରଗତି କରିବା ନେଇ ପାଗ ଅନୁକୂଳ ଥିବା ପାଣିପାଗ ବିଭାଗ ସୂଚନା ଦେଇଛି ।